


# ମାର୍ଗଦର୍ଶିକା
# ବିଜୁ ଶିଶୁ ସୁରକ୍ଷା ଯୋଜନା









ମହିଳା ଓ ଶିଶୁ ବିକାଶ ବିଭାଗ
ଓଡ଼ିଶା ସରକାର


DISTRICT
FESTIVAL



# ବିଜୁ ଶିଶୁ ସୁରକ୍ଷା ଯୋଜନା

## ମାର୍ଗଦର୍ଶିକା

ମହିଳା ଓ ଶିଶୁ ବିକାଶ ବିଭାଗ
ଓଡିଶା ସରକାର

୨୦୧୬

# ସୂଚୀପତ୍ର


| କ୍ରମିକ ସଂଖ୍ୟା | ବିଷୟବସ୍ତୁ | ପୃଷ୍ଠା ସଂଖ୍ୟା |
|---|---|---|
| ୧ | ଉପକ୍ରମ | ୧ |
| ୨ | ଲକ୍ଷ୍ୟବର୍ଗ | ୧ |
| ୩ | ସହାୟତା ପ୍ରଦାନ | ୨ |
| ୪ | ବୈଷୟିକ ଶିକ୍ଷା ନିମନ୍ତେ ସହାୟତା | ୨ |
| ୫ | ଦକ୍ଷ / ଗୁଣ ସମ୍ପନ୍ନ ଛାତ୍ରୀ ଓ ଛାତ୍ରମାନଙ୍କୁ ବୃତ୍ତି ପ୍ରଦାନ | ୩ |
| ୬ | ସୁକନ୍ୟା ସମୃଦ୍ଧି ଯୋଜନାରେ ସହାୟତା | ୩ |
| ୭ | ବିବାହ ନିମନ୍ତେ ସହାୟତା | ୪ |
| ୮ | ବଜେଟ୍ | ୫ |
| ୯ | କ୍ରମୋଚ୍ଚବ୍ୟବସ୍ଥା | ୬ |
| ୧୦ | ଜିଲ୍ଲା ତ୍ରୈମାସିକ ପ୍ରଗତି ବିବରଣୀ | ୭ |

# ବିଜୁ ଶିଶୁ ସୁରକ୍ଷା ଯୋଜନା

## ୧. ଉପକ୍ରମ

ମହିଳା ଓ ଶିଶୁ ବିକାଶ ବିଭାଗ, ଓଡିଶା ସରକାର, ପିତାମାତା / ପୋଷ୍ୟ ଅଭିଭାବକ ଅଥବା ବୈଧ ଅଭିଭାବକ ନଥିବା ଶିଶୁ ଏବଂ ଏଚ୍.ଆଇ.ଭି. ସଂକ୍ରମିତ ଏବଂ ଅତ୍ୟନ୍ତ ଦୁର୍ବଳ ଶିଶୁଙ୍କୁ ସୁରକ୍ଷା ପ୍ରଦାନ କରିବା ସହିତ ଏକ ସୁରକ୍ଷା ବଳୟ ପ୍ରସ୍ତୁତ କରିବା ନିମନ୍ତେ ସଙ୍କଳ୍ପବଦ୍ଧ । ସେହି ଶିଶୁମାନଙ୍କର ସୁରକ୍ଷା, ବିକାଶ ଏବଂ ବଞ୍ଚିରହିବା ନିଶ୍ଚିତ କରିବା ନିମନ୍ତେ **''ବିଜୁ ଶିଶୁ ସୁରକ୍ଷା''** ନାମରେ ଏକ ନୂତନ ଯୋଜନା ରାଜ୍ୟର ସମସ୍ତ ଜିଲ୍ଲାରେ ୨୦୧୬-୧୭ ବର୍ଷରେ ଶୁଭାରମ୍ଭ ହୋଇଛି ।

ନିର୍ଦ୍ଦିଷ୍ଟ ବର୍ଗର ଶିଶୁମାନଙ୍କୁ ସୁରକ୍ଷା ପ୍ରଦାନ କରିବା ଓ ଆବଶ୍ୟକ ପରିପୂରକ ବ୍ୟବସ୍ଥା ସହ ପ୍ରୋତ୍ସାହନ ନିମନ୍ତେ ଏହି ଯୋଜନା ସହାୟକ ହେବ । କେନ୍ଦ୍ରୀୟ ସହାୟତାରେ କାର୍ଯ୍ୟକାରୀ ହେଉଥିବା ସମନ୍ୱିତ ଶିଶୁ ସୁରକ୍ଷା ଯୋଜନା (Integrated Child Protection Scheme) କୁ ଅଧିକ କ୍ରିୟାଶୀଳ କରିବା ନିମନ୍ତେ ଅତିରିକ୍ତ ସମ୍ବଳ ଏବଂ ଅନୁରୂପ ଭିତ୍ତିଭୂମି ଯୋଗାଇଦେବ ।

## ୨. ଲକ୍ଷ୍ୟ ବର୍ଗ

କିଶୋର ନ୍ୟାୟ (ଶିଶୁମାନଙ୍କର ଯତ୍ନ ଓ ସୁରକ୍ଷା) ଅଧିନିୟମ, ୨୦୧୫ ଅନୁଯାୟୀ ଯତ୍ନ ଏବଂ ସୁରକ୍ଷା ଆବଶ୍ୟକ କରୁଥିବା ଏବଂ ନିମ୍ନରେ ପ୍ରଦାନ କରାଯାଇଥିବା ଅସୁବିଧା ପରିସ୍ଥିତିରେ ଥିବା ଶିଶୁମାନେ

୦୧. ପିତାମାତା କିମ୍ବା ପୋଷ୍ୟ ଅଭିଭାବକ ଅଥବା ବୈଧ ଅଭିଭାବକ ନଥିବା ଶିଶୁ କିମ୍ବା ପରିତ୍ୟକ୍ତ କିମ୍ବା ସମର୍ପିତ ଶିଶୁ ।

୦୨. ଏଚ୍.ଆଇ.ଭି. ଆକ୍ରାନ୍ତ / ସଂକ୍ରମିତ ଶିଶୁ ।

## ୩. ସହାୟତା ପ୍ରଦାନ

ଉକ୍ତ ଯୋଜନାରେ ଲକ୍ଷ୍ୟ ବର୍ଗ ଶିଶୁମାନଙ୍କୁ ନିମ୍ନୋକ୍ତ ସହାୟତା ପ୍ରଦାନ କରିବା ନିମନ୍ତେ ପରିକଳ୍ପନା କରାଯାଇଅଛି ।

୧) ଉଚ୍ଚ ଶିକ୍ଷା ବିଭାଗଙ୍କର "ଗ୍ରୀନ୍ ପାସେଜ୍" ଯୋଜନାରେ ଅନ୍ତର୍ଭୁକ୍ତ ହୋଇନଥିବା ବୈଷୟିକ ଶିକ୍ଷା ପାଠ୍ୟକ୍ରମରେ ନାମଲେଖାଇବା, ପାଠ୍ୟ ଉପକରଣ ପ୍ରଦାନ ଏବଂ ଏହି ସମ୍ବନ୍ଧୀୟ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ ସହାୟତା ।

୨) ଦକ୍ଷ / ଗୁଣସମ୍ପନ୍ନ ଛାତ୍ରୀ ଓ ଛାତ୍ରମାନଙ୍କୁ ମାନ୍ୟତା ପ୍ରଦାନ ଏବଂ ଉତ୍ସାହିତ କରିବା ନିମନ୍ତେ ବୃତ୍ତି ପ୍ରଦାନ କରିବା ।

୩) କନ୍ୟା ଶିଶୁଙ୍କୁ ଆର୍ଥିକ ସହାୟତା ପ୍ରଦାନ (ସୁକନ୍ୟା ସମୃଦ୍ଧି ଜମାଖାତା ମାଧ୍ୟମରେ) ।

୪) ବିବାହ ନିମନ୍ତେ ସହାୟତା ପ୍ରଦାନ ।

## ୪. ବୈଷୟିକ ଶିକ୍ଷା ନିମନ୍ତେ ସହାୟତା

| | | |
|---|---|---|
| **ବୟସ** | : | ପ୍ରାସଙ୍ଗିକ ପାଠ୍ୟକ୍ରମ ନିମନ୍ତେ କ୍ରମିକ ସଂଖ୍ୟା ୧ ରେ ପ୍ରଦାନ କରାଯାଇଥିବା ଆନୁମାନିକ ବଜେଟ୍ । |
| **ଯୋଗ୍ୟତା** | : | ସୁରକ୍ଷା ଏବଂ ଯତ୍ନ ଆବଶ୍ୟକ କରୁଥିବା ଶିଶୁ (CNCP) ଯେଉଁମାନେ ଶିଶୁ ଯତ୍ନକାରୀ ଅନୁଷ୍ଠାନ (CCI) ରୁ ଉତ୍ତୀର୍ଣ୍ଣ ହୋଇଥିବେ । |
| **ଉଦ୍ଦେଶ୍ୟ** | : | ନାମଲେଖାଇବା ଏବଂ ପାଠ୍ୟ ଉପକରଣ ନିମନ୍ତେ ଆର୍ଥିକ ସହାୟତା । |
| **ପରିମାଣ** | : | ସର୍ବନିମ୍ନ ଟଙ୍କା ୭,୦୦୦/- ସର୍ବାଧିକ ଟଙ୍କା ୪୦,୦୦୦/- । |
| **ମାଧ୍ୟମ** | : | ଅନୁଷ୍ଠାନ / ବିଶ୍ୱ ବିଦ୍ୟାଳୟକୁ ସିଧାସଳଖ ପ୍ରଦାନ କରାଯିବ । |

## ୫. ଦକ୍ଷ / ଗୁଣସମ୍ପନ୍ନ ଛାତ୍ରୀ ଓ ଛାତ୍ରଙ୍କୁ ବୃତ୍ତି ପ୍ରଦାନ

**ବୟସ** : ୧୮ ବର୍ଷ ପର୍ଯ୍ୟନ୍ତ ।

**ଯୋଗ୍ୟତା** : ବିଦ୍ୟାଳୟର ୧୦ମ ଶ୍ରେଣୀ ସ୍ତରରେ ଶୀର୍ଷସ୍ଥାନ ଲାଭ କରିଥିବା ତିନି ଜଣ କୃତୀ ଛାତ୍ରୀ ଓ ଛାତ୍ର (ପ୍ରତି ଜିଲ୍ଲାକୁ ଏକ ୟୁନିଟ୍/ଏକକ ହିସାବରେ ନିଆଯିବ) ।

ii) ଯତ୍ନ ଏବଂ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁ ଯିଏ ଶିଶୁ ଯତ୍ନକାରୀ ଅନୁଷ୍ଠାନରେ ରହୁଥିବେ ।

**ଉଦ୍ଦେଶ୍ୟ** : ଦକ୍ଷ ଛାତ୍ରୀ ଓ ଛାତ୍ରଙ୍କୁ ଉତ୍ସାହିତ କରିବା ଯେଉଁମାନେ ଅନ୍ୟ କୌଣସି ସାଧାରଣ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ ହୋଇନାହାନ୍ତି (ଯଦି କୌଣସି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବେ ତେବେ ଦୁଇଟି ଯୋଜନା ମଧ୍ୟରୁ ସର୍ବୋଚ୍ଚ ରାଶି ପ୍ରଦାନ କରୁଥିବା ଯୋଜନା ଅଧିନରେ ସହାୟତା ଗ୍ରହଣ କରିପାରିବେ) ।

**ପରିମାଣ** : ଟଙ୍କା୨୦,୦୦୦/- ପ୍ରତ୍ୟେକ ।

**ସମୟସୀମା** : ଯୋଗ୍ୟ ଛାତ୍ରୀ ଓ ଛାତ୍ର ଏକକାଳୀନ ବଜେଟ୍‌ରେ ପ୍ରଦର୍ଶିତ ମତେ ଆର୍ଥିକ ସହାୟତା ।

**ମାଧ୍ୟମ** : ଛାତ୍ରୀ ଓ ଛାତ୍ରଙ୍କ ନିଜସ୍ୱ ବ୍ୟାଙ୍କ ଆକାଉଣ୍ଟରେ ପ୍ରଦାନ କରାଯିବ ।

## ୬. ସୁକନ୍ୟା ସମୃଦ୍ଧି ଯୋଜନାରେ ସହାୟତା

**ବୟସ** : ୫ ବର୍ଷରୁ ୧୮ ବର୍ଷ ବୟସ ପର୍ଯ୍ୟନ୍ତ ଶିଶୁ କନ୍ୟା ।

**ଉଦ୍ଦେଶ୍ୟ** : ୧୮ ବର୍ଷ ବୟସ ସମ୍ପନ୍ନ ହେବା ପର୍ଯ୍ୟନ୍ତ, ସୁକନ୍ୟା ସମୃଦ୍ଧି ଯୋଜନାର ଜମାଖାତାରେ ନିୟମିତ ଅର୍ଥରାଶି ଜମାକରି ଶିଶୁ କନ୍ୟାଙ୍କର ଭବିଷ୍ୟତ ଜୀବନଧାରାକୁ ସୁରକ୍ଷିତ କରିବା ।

**ପରିମାଣ** : ବର୍ଷକୁ ୧,୦୦୦/- ଟଙ୍କା ୧୮ ବର୍ଷ ପର୍ଯ୍ୟନ୍ତ ।

**ସମୟସୀମା** : ବ୍ୟାଙ୍କ ଖାତା ଖୋଲିବା ଠାରୁ ୧୮ ବର୍ଷ ବୟସ ହେବା ପର୍ଯ୍ୟନ୍ତ ।

**ଅର୍ଥରାଶି ଜମା ପ୍ରଣାଳୀ :** ଶିଶୁର (ସୁକନ୍ୟା ସମୃଦ୍ଧି) ବ୍ୟାଙ୍କ ଜମା ଖାତାରେ ସିଧାସଳଖ ଜମା କରିବା ।

## ୭. ବିବାହ ନିମନ୍ତେ ସହାୟତା

ବିବାହ ଉତ୍ସବ କାଳୀନ ଆର୍ଥିକ ଅସୁବିଧା ଦୂର ପୂର୍ବକ ତାହାକୁ ସୂଚାରୁରୂପେ ସମ୍ପନ୍ନ ନିମନ୍ତେ ଏକ ନିଦର୍ଶନ ମୂଳକ ଆର୍ଥିକ ସହାୟତା ।

**ବୟସ** : ଝିଅ ଓ ପୁଅମାନଙ୍କ ବୟସ ଯଥାକ୍ରମେ ୧୮ ଓ ୨୧ ବର୍ଷ ପୂରଣ ହେବା ପରେ ।

**ଉଦ୍ଦେଶ୍ୟ** : ବିବାହ ଉତ୍ସବ ସମ୍ପନ୍ନ ନିମନ୍ତେ ଏକ ନିଦର୍ଶନ ମୂଳକ ଆର୍ଥିକ ସହାୟତା ।

**ଅର୍ଥରାଶି** : ଝିଅମାନଙ୍କ ନିମନ୍ତେ ଟ.୫୦,୦୦୦/- ଏବଂ ପୁଅମାନଙ୍କ ନିମନ୍ତେ ଟ.୪୦,୦୦୦/- ।

**ଅବଧି** : ବିବାହ ଉତ୍ସବ ସମ୍ପନ୍ନ ନିମନ୍ତେ ନିଦର୍ଶନ ମୂଳକ ଏକ କାଳୀନ ସହାୟତା ।


**ଅର୍ଥରାଶି ଜମା ପ୍ରଣାଳୀ** : ସମ୍ପୃକ୍ତ ଝିଅ / ପୁଅଙ୍କର ଜମା ଖାତାରେ ସିଧାସଳଖ ଜମା କରିବା ।

## ୮. ବିଜୁ ଶିଶୁ ସୁରକ୍ଷା ଯୋଜନା ନିମନ୍ତେ ଆନୁମାନିକ ଆର୍ଥିକ ବ୍ୟୟ ବଜେଟ୍ (ଏକ ଆର୍ଥିକ ବର୍ଷ ନିମନ୍ତେ)

| କ୍ରମିକ ସଂଖ୍ୟା | ପ୍ରସ୍ତାବିତ କାର୍ଯ୍ୟକ୍ରମ | | ୟୁନିଟ୍ ନିମନ୍ତେ ବାର୍ଷିକ / ପାଠ୍ୟକ୍ରମ ଖର୍ଚ୍ଚ (ପ୍ରତି ଟଙ୍କାରେ) | ଜିଲ୍ଲା ପିଛା ୟୁନିଟ୍ ସଂଖ୍ୟା | ସମୁଦାୟ ୟୁନିଟ୍ (୩୦ ଜିଲ୍ଲା ପାଇଁ) | ପରିମାଣ (ଟଙ୍କାରେ) |
|---|---|---|---|---|---|---|
| ୧ | ୨ | | ୩ | ୪ | ୫ | ୬ |
| ୧ | ବୈଷୟିକ ଶିକ୍ଷାରେ ନାମଲେଖାଇବା, ପାଠ୍ୟ ଉପକରଣ ନିମନ୍ତେ ସହାୟତା ଯାହାକି ଉଚ୍ଚ ଶିକ୍ଷା ବିଭାଗଙ୍କର ''ଗ୍ରିନ୍ ପାସେଜ୍'' ଯୋଜନାରେ ଅନ୍ତର୍ଭୁକ୍ତ ହୋଇନାହିଁ | ଆଇଟିଆଇ | ୭,୦୦୦/- | ୧୦ | ୩୦୦ | ୨୧,୦୦,୦୦୦ |
| | | ଡିପ୍ଲୋମା / ପଲି ଟେକ୍ନିକ୍ | ୧୦,୦୦୦/- | ୫ | ୧୫୦ | ୧୫,୦୦,୦୦୦ |
| | | ବିଟେକ୍/ ଏମ୍ ସି ଏ/ ବି ଫାର୍ମ / ହୋଟେଲ୍ ମ୍ୟାନେଜମେଣ୍ଟ ଏବଂ କ୍ୟାଟରିଙ୍ଗ ସେବା, ଏମ୍ ବି ବି ଏସ୍ | ୪୦,୦୦୦/- | ୦୩ | ୯୦ | ୩୬,୦୦,୦୦୦ |
| ୨ | ଦକ୍ଷ/ ଗୁଣସମ୍ପନ୍ନ ଛାତ୍ରୀ ଓ ଛାତ୍ରଙ୍କୁ ଉତ୍ସାହିତ କରିବା ନିମନ୍ତେ ବୃତ୍ତି ପ୍ରଦାନ | | ୨୦,୦୦୦/- | ୩ | ୯୦ | ୧୮,୦୦,୦୦୦ |
| ୩ | ସୁକନ୍ୟା ସମୃଦ୍ଧି ଆକାଉଣ୍ଟରେ କନ୍ୟା ଶିଶୁଙ୍କୁ ଆର୍ଥିକ ସହାୟତା | | ୧,୦୦୦/- ବାର୍ଷିକ (୫ ବର୍ଷରୁ ୧୮ ବର୍ଷ ବୟସ ପର୍ଯ୍ୟନ୍ତ) | ପ୍ରକୃତ ଖର୍ଚ୍ଚ | - | ୫୦,୦୦,୦୦୦ ଆନୁମାନିକ ବର୍ଷ ପ୍ରତି |
| ୪ | ବିବାହ ପାଇଁ ସହାୟତା | ଝିଅ | ୫୦,୦୦୦/- | ୦୫ | ୧୫୦ | ୭୫,୦୦,୦୦୦ |
| | | ପୁଅ | ୪୦,୦୦୦/- | ୦୫ | ୧୫୦ | ୬୦,୦୦,୦୦୦ |
| | ସମୁଦାୟ | | | | | ୨,୭୫,୦୦,୦୦୦ |

ଯୋଜନା କାର୍ଯ୍ୟକାରୀ ସମୟରେ ଯୋଜନାର ସଫଳ ରୂପାୟନ ନିମନ୍ତେ ଆବଶ୍ୟକତା ଅନୁଯାୟୀ ସହାୟତା ଯଥା ସମୟରେ ପ୍ରଦାନ କରାଯିବ ।

## ୯. ଯୋଜନାର ପରିଚାଳନାରେ ସମ୍ପୃକ୍ତ ଅନୁଷ୍ଠାନର କ୍ରମୋଚ୍ଚ ବ୍ୟବସ୍ଥା



## ୧୦. ତ୍ରୈମାସିକ ପ୍ରଗତି ବିବରଣୀ (ଭୌତିକ)

(ଯୋଜନା ଅଧିନରେ ଉପକୃତ ହିତାଧିକାରୀଙ୍କ ସଂଖ୍ୟା)

**ଜିଲ୍ଲାର ନାମ ..........................................................**

(ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ଦ୍ୱାରା ଓଡିଶା ରାଜ୍ୟ ଶିଶୁ ସୁରକ୍ଷା ସମିତିକୁ ପ୍ରଦେୟ)

### ଭାଗ-କ

| କ୍ରମିକ ସଂଖ୍ୟା | ବ୍ଲକ୍‌ର ନାମ | ପ୍ରସ୍ତାବିତ କାର୍ଯ୍ୟକ୍ରମ | | | | | | |
|---|---|---|---|---|---|---|---|---|
| | | ବୈଷୟିକ ଶିକ୍ଷାରେ ନାମଲେଖାଇବା, ପାଠ୍ୟ ଉପକରଣ ନିମନ୍ତେ ସହାୟତା ଯାହାକି ଉଚ୍ଚ ଶିକ୍ଷା ବିଭାଗଙ୍କର ''ଗ୍ରିନ୍ ପାସେଜ୍'' ଯୋଜନାରେ ଅନ୍ତର୍ଭୁକ୍ତ ହୋଇନାହିଁ | | ଦକ୍ଷ / ଗୁଣସମ୍ପନ୍ନ ଛାତ୍ରୀ ଓ ଛାତ୍ରଙ୍କୁ ଉତ୍ସାହିତ କରିବା ନିମନ୍ତେ ବୃତ୍ତି ପ୍ରଦାନ | | ସୁକନ୍ୟା ସମୃଦ୍ଧି ଆକାଉଣ୍ଟରେ କନ୍ୟା ଶିଶୁଙ୍କୁ ଆର୍ଥିକ ସହାୟତା | ବିବାହ ପାଇଁ ସହାୟତା | |
| | | ଝିଅ | ପୁଅ | ଝିଅ | ପୁଅ | ଝିଅ | ଝିଅ | ପୁଅ |
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| | | | | | | | | |

## ଅନୁଦାନର ପରିମାଣ (ଆର୍ଥିକ)

### ଭାଗ-ଖ

| କ୍ରମିକ ସଂଖ୍ୟା | ବ୍ଲକଥର ନାମ | ପ୍ରସ୍ତାବିତ କାର୍ଯ୍ୟକ୍ରମ | | | | | | |
|---|---|---|---|---|---|---|---|---|
| | | ବୈଷୟିକ ଶିକ୍ଷାରେ ନାମଲେଖାଇବା, ପାଠ୍ୟ ଉପକରଣ ନିମନ୍ତେ ସହାୟତା ଯାହାକି ଉଚ୍ଚ ଶିକ୍ଷା ବିଭାଗଙ୍କର ''ଗ୍ରିନ୍ ପାସେଜ୍'' ଯୋଜନାରେ ଅନ୍ତର୍ଭୁକ୍ତ ହୋଇନାହିଁ | | ଦକ୍ଷ / ଗୁଣସମ୍ପନ୍ନ ଛାତ୍ରୀ ଓ ଛାତ୍ରଙ୍କୁ ଉତ୍ସାହିତ କରିବା ନିମନ୍ତେ ବୃତ୍ତି ପ୍ରଦାନ | | ସୁକନ୍ୟା ସମୃଦ୍ଧି ଆକାଉଣ୍ଟରେ କନ୍ୟା ଶିଶୁଙ୍କୁ ଆର୍ଥିକ ସହାୟତା | ବିବାହ ପାଇଁ ସହାୟତା | |
| | | ଝିଅ | ପୁଅ | ଝିଅ | ପୁଅ | ଝିଅ | ଝିଅ | ପୁଅ |
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| | | | | | | | | |

# ତ୍ରୈମାସିକ ଯୋଜନା ଖର୍ଚ୍ଚର ବିବରଣୀ

## ଭାଗ-ଗ

| କ୍ରମିକ ସଂଖ୍ୟା | ଯୋଜନାର ଉପାଦାନ | ପ୍ରାପ୍ତ ଅନୁଦାନ ରାଶି | ଖର୍ଚ୍ଚର ପରିମାଣ | ଗଛିତ ରାଶି | ଶତକଡା ଖର୍ଚ୍ଚ | ମନ୍ତବ୍ୟ (ଖର୍ଚ୍ଚ ବିବରଣୀ ଦାଖଲ କରାଯାଇଥିବା ପତ୍ରର ସଂଖ୍ୟା ଓ ତାରିଖ ଦର୍ଶାନ୍ତୁ) |
|---|---|---|---|---|---|---|
| | | (ଟଙ୍କାରେ) | | | | |
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ବୈଷୟିକ ଶିକ୍ଷାରେ ନାମଲେଖାଇବା, ପାଠ୍ୟ ଉପକରଣ ନିମନ୍ତେ ସହାୟତା ଯାହାକି ଉଚ୍ଚ ଶିକ୍ଷା ବିଭାଗଙ୍କର ''ଗ୍ରିନ୍ ପାସେଜ୍'' ଯୋଜନାରେ ଅନ୍ତର୍ଭୁକ୍ତ ହୋଇନାହିଁ | | | | | |
| ୨ | ଦକ୍ଷ / ଗୁଣସମ୍ପନ୍ନ ଛାତ୍ରୀ ଓ ଛାତ୍ରଙ୍କୁ ଉତ୍ସାହିତ କରିବା ନିମନ୍ତେ ବୃତ୍ତି ପ୍ରଦାନ | | | | | |
| ୩ | ସୁକନ୍ୟା ସମୃଦ୍ଧି ଆକାଉଣ୍ଟରେ କନ୍ୟା ଶିଶୁଙ୍କୁ ଆର୍ଥିକ ସହାୟତା | | | | | |
| ୪ | ବିବାହ ପାଇଁ ସହାୟତା | | | | | |

ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କର
ସ୍ୱାକ୍ଷର ଓ ମୋହର


ଏବଂ
ଅଧିକାର ଦିବସ ଉପଲକ୍ଷେ
ଚେତନତା ରଥ
ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ

